ଶ୍ରୀ ବୀର ହନୁମାନ ଚାଉଳ ଏବଂ ଅଟା କଳ ଏବଂ ଅନ୍ୟଜଣେ

ବନାମ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ରାମଚନ୍ଦ୍ରପୁରମ, ଆନ୍ଧ୍ର ପ୍ରାଦେଶ

24, ଏପ୍ରିଲ 2000

[ଏସ୍. ସାଗିର ଅହମ୍ମଦ ଏବଂ ଡୋରାଇସ୍ୱାମୀ ରାଜୁ, ନ୍ୟାୟମୁର୍ତ୍ତିଦ୍ୱୟ ।]

*ସୀମା ଅଧିନିୟମ 1963:*

*ଧାରା 5-ବିକ୍ରୟ ପାଇଁ ମକଦ୍ଦମାରେ ପ୍ରାରମ୍ଭିକ ଡିକ୍ରି-ଡିକ୍ରିରଣିଙ୍କ ଦ୍ୱାରା ଖିଲାପ-ଡିକ୍ରିଧାରୀ 31.12.1991 ରେ କିମ୍ବା ଏହା ପୂର୍ବରୁ ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ 34 ନିୟମ 5 ଅନୁଯାୟୀ ଚୂଡ଼ାନ୍ତ ଡିକ୍ରି ପାସ କରିବା ପାଇଁ ଆବେଦନ ଦାଖଲ କରିଥିବା ଉଚିତ ଥିଲା କିନ୍ତୁ ସେ ଅଧିନିୟମର ଧାରା 5 ଅନୁଯାୟୀ ଏକ ଆବେଦନ ସହିତ ଏହାକୁ 27.7.1994 ରେ ଦାଖଲ କରିଥିଲା-ଆବେଦନ ଖାରଜ ହୋଇଯାଇଥିଲା-ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ପୁନଃନିରୀକ୍ଷଣ ଆବେଦନ-ଡିକ୍ରିରଣିଙ୍କ ଦ୍ୱାରା ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ 714 ଦିନର ବିଳମ୍ବକୁ ସଠିକ୍ ଭାବରେ ବ୍ୟାଖ୍ୟା କରାଯାଇ ନାହିଁ, କାରଣ ଆଇନ ପରାମର୍ଶଦାତା ଏବଂ ଓକିଲଙ୍କ ଦାବିର ଆବଶ୍ୟକୀୟ ପ୍ରମାଣ ଯାହା ସୂଚିତ କରୁଥିଲା ଯେ ସେମାନେ ପ୍ରାସଙ୍ଗିକ ସମୟରେ ଅସୁସ୍ଥ ଥିଲେ, ତାହା ଦର୍ଶାଯାଇନଥିଲା ଏବଂ ସେହି ପ୍ରାସଙ୍ଗିକ ସମୟରେ ଅଧିବକ୍ତା ନିୟମିତ ଭାବରେ ଅଦାଲତରେ ହଜାର ହେଉଥିଲେ- ଉଚ୍ଚ ନ୍ୟାୟାଳୟ ନିମ୍ନ ଅଦାଲତଙ୍କ ଆଦେଶକୁ ଖାରଜ କରିଥିଲେ ଏବଂ ବିଳମ୍ବ ପାଇଁ କ୍ଷମା ପ୍ରାର୍ଥନାକୁ ଅନୁମତି ଦେଇଥିଲେ-ନିର୍ଣ୍ଣିତ ଯେ ଯଦିଓ ବ୍ୟାଙ୍କ ଏକ ସରକାରୀ ଉଦ୍ୟୋଗ ଅଟେ ଏବଂ ଏଥିରେ ବିପୁଳ ପରିମାଣର ସର୍ବସାଧାରଣ ଅର୍ଥ ଜଡ଼ିତ, ତେଣୁ ପକ୍ଷମାନଙ୍କ ଦାବି ଉପରେ ନିଶ୍ଚିତ ବିଚାର କରିବା ଉଚିତ କିନ୍ତୁ ପ୍ରାସଙ୍ଗିକ ସମୟ ମଧ୍ୟରେ ବ୍ୟାଙ୍କର ଓକିଲଙ୍କ ଉପସ୍ଥିତି ସମ୍ପର୍କରେ ଡିକ୍ରିରଣିଙ୍କ ନିର୍ଦ୍ଦିଷ୍ଟ ଏବଂ ପ୍ରାସଙ୍ଗିକ ତଥ୍ୟଗତ ଯୁକ୍ତିକୁ ବିଚାର ନକରିବା କୌଣସି ଯଥାର୍ଥତା ନୁହେଁ-ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପଠାଯାଇଥିଲା ଯାହାକୁ ଦାଖଲ ହେବାପରେ ପୁନଃସ୍ଥାପିତ କରାଯାଇ, ଡିକ୍ରିରଣିଙ୍କ ଯୁକ୍ତିକୁ ବିଚାର କରି ନୂତନ ଭାବରେ ମାମଲାର ନିଷ୍ପତ୍ତି ନେବେ-ଦେୱାନୀ କାର୍ଯ୍ୟବିଧି ସଂହିତା, 1908-ଆଦେଶ 34, ନିୟମ 5 ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 2896/2000 ।

ସି.ଆର୍.ପି. ସଂଖ୍ୟା 610/1998ର ରେ ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 29.6.99 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏମ୍. ଏନ୍. ରାଓ, ଜି. ଶ୍ରୀଧର, ଥିରୁ ଚାଙ୍ଗୁ ଏବଂ ୱାଇ. ରାଜା ଗୋପାଳ ରାଓ ।

ଉତ୍ତରଦାତାମାନଙ୍କ ପାଇଁ ଅନିଲ କୁମାର ସେଙ୍ଗାଲ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଶେଷ ଅନୁମତି ପ୍ରଦାନ କରାଗଲା ।

ଆନ୍ଧ୍ରପ୍ରଦେଶର ରାମଚନ୍ଦ୍ରପୁରମର ବରିଷ୍ଠ ଦେୱାନୀ ବିଚାରପତିଙ୍କ ନିକଟରେ ବାଦୀ-ବ୍ୟାଙ୍କ ଓ.ଏସ୍. ସଂଖ୍ୟା 93/1987 ରେ ପ୍ରତିବାଦୀ (ଏଠାରେ ମକଦ୍ଦମାକାରୀ) ଙ୍କ ବିରୋଧରେ ଏକ ମକଦ୍ଦମା ଦାୟର କରିଥିଲା ଏବଂ 31.12.87 ତାରିଖରେ 70, 087.75 ଟଙ୍କା ପାଇଁ ଏକ ପ୍ରାଥମିକ ଡିକ୍ରି ହାସଲ କରିଥିଲା । ଡିକ୍ରି ଧାରକ 31.12.91 ରେ କିମ୍ବା ତା 'ପୂର୍ବରୁ ଡିକ୍ରିରଣୀଙ୍କ ତରଫରୁ ଖିଲାପ କ୍ଷେତ୍ରରେ ଏକ ଅନ୍ତିମ ଡିକ୍ରି ପରୀତ କରିବା ପାଇଁ ଏକ ଆବେଦନ ଦାଖଲ କରିବା ଉଚିତ୍ ଥିଲା, କିନ୍ତୁ ସେ ପ୍ରକୃତରେ 27.7.94 ରେ ଅନ୍ତିମ ଡିକ୍ରି ପାରୀତ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯେଉଁଥିରେ 714 ଦିନର ବିଳମ୍ବକୁ କ୍ଷମା କରିବା ପାଇଁ ସୀମା ଅଧିନିୟମ ର ଧାରା 5 ଅନୁଯାୟୀ ଏକ ଆବେଦନ ସହିତ ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ 34 ନିୟମ 5 କୁ ଆବାହନ କରାଯାଇଥିଲା । ଏହି ପର୍ଯ୍ୟାୟରେ ଏହା ସୂଚିତ କରାଯାଇପାରେ ଯେ ମକଦ୍ଦମା ଦାୟର କରିବା ପରେ, ଡିକ୍ରିରଣି ଧାରକମାନେ ଆଇ.ପି. ସଂଖ୍ୟା 6/87 ରେ ଏକ ଦେବାଳିଆ ଆବେଦନ ଦାୟର କରିଥିଲେ ଏବଂ ଏହା 20.11.92 ରେ ଖାରଜ ହୋଇଯାଇଥିଲା ।

ମଧ୍ୟବର୍ତ୍ତୀ ଆବେଦନ ସଂଖ୍ୟା 1079/94ରେ ସୀମା ଅଧିନିୟମ ର ଧାରା 5 ଅନୁଯାୟୀ ଦାଖଲ ଆବେଦନର ବିଳମ୍ବକୁ କ୍ଷମା କରିବା ପାଇଁ ଆବେଦନ ଉପରେ ବିଚାର କରିବା ସମୟରେ, ବିଦ୍ୱାନ ଅଧସ୍ତନ ବିଚାରପତି ଏହି ଦୃଷ୍ଟିକୋଣରେ ଏହାକୁ ଖାରଜ କରିଦେଇଥିଲେ ଯେ ବିଳମ୍ବକୁ କ୍ଷମା କରିବା ପାଇଁ କୌଣସି ପର୍ଯ୍ୟାପ୍ତ କାରଣ ଦର୍ଶାଯାଇ ନାହିଁ । ଅସନ୍ତୁଷ୍ଟ ହୋଇ, ବ୍ୟାଙ୍କ ଏକ ପୁନଃନିରୀକ୍ଷଣ ସି. ଆର୍. ପି. ସଂଖ୍ୟା 610/98ରେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏହି ମାମଲାଟିକୁ ଆଗକୁ ବଢ଼ାଇଥିଲା । ଆନ୍ଧ୍ର ପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ବିଚାରପତି, ନିମ୍ନ ଅଦାଲତଙ୍କର ଆଦେଶକୁ ଅଗ୍ରାହ୍ୟ କରି, ବିଳମ୍ବକୁ କ୍ଷମା କରିବା ପାଇଁ ଦାଖଲ ଆବେଦନକୁ ଅନୁମତି

ଦେଇଥିଲେ, ଖର୍ଚ୍ଚ ବାବଦକୁ 2, 000 ଟଙ୍କା ଦେବାକୁ ଆଦେଶ ପ୍ରଦାନ କରାଯାଇଥିଲା, ଯାହା ଶେଷରେ ନିମ୍ନ ଅଦାଲତରେ ଆବେଦନକାରୀଙ୍କ ଓକିଲ ଗ୍ରହଣ କରିବାକୁ ମନା କରିଦେଇଥିଲେ, କିନ୍ତୁ ବିଦ୍ୱାନ ବିଚାରପତିଙ୍କ ନିର୍ଦ୍ଦେଶରେ ନ୍ୟାୟାଳୟରେ ଜମା କରାଯାଇଥିଲା । ବିଦ୍ୱାନ ଏକକ ବିଚାରପତିଙ୍କ ମତ ଥିଲା ଯେ ନିମ୍ନ ଅଦାଲତ ଏହି ପ୍ରସଙ୍ଗରେ କେବଳ କଠୋର ନୁହେଁ, ବରଂ ଅତି ବୈଷୟିକ ଦୃଷ୍ଟିକୋଣ ଗ୍ରହଣ କରିଛନ୍ତି । ଏଭଳି ପରିସ୍ଥିତିରେ ଡିକ୍ରିରଣି ଧାରକମାନେ ଉପରୋକ୍ତ ଆବେଦନ ଦାଖଲ କରିଥିଲେ । ନୋଟିସ ଜାରି କରାଯାଇଛି ଏବଂ ପ୍ରତିବାଦୀ-ବ୍ୟାଙ୍କ ଏକ ଜବାବି ସତ୍ୟପାଠ ଶପଥ ଦାଖଲ କରିଛନ୍ତି ଯେଉଁଥିରେ ଆବେଦନକାରୀଙ୍କ ଦ୍ୱାରା ଏକ ପ୍ରତ୍ୟୁତର ମଧ୍ୟ ଦାଖଲ କରାଯାଇଛି ।

ଆବେଦନକାରୀଙ୍କ ପକ୍ଷରୁ ଉପସ୍ଥିତ ଥିବା ବିଦ୍ୱାନ ବରିଷ୍ଠ ଓକିଲ ଶ୍ରୀ ଏମ୍.ଏନ୍. ରାଓ ଦୃଢ଼ତାର ସହିତ ଯୁକ୍ତି ଦର୍ଶାଇଥିଲେ ଯେ ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ବିବାଦର ସଠିକ୍ ଭାବରେ ବିଚାର କରିବାରେ ବିଫଳ ହୋଇଛନ୍ତି ଏବଂ ବାଦୀ-ବ୍ୟାଙ୍କ ସପକ୍ଷରେ ଉଚ୍ଚ ନ୍ୟାୟାଳୟରେ ବିଦ୍ୱାନ ବିଚାରପତିଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ବିବେଚନା ନ୍ୟାୟସଙ୍ଗତ ନୁହେଁ । ଏହା ଯୁକ୍ତି କରାଯାଇଥିଲା ଯେ ଯଦିଓ ସୀମା ଆଇନ ଏକ ନିର୍ଦ୍ଦିଷ୍ଟ ପକ୍ଷକୁ କଠୋର ଭାବରେ ପ୍ରଭାବିତ କରିପାରେ, କିନ୍ତୁ ଯେତେବେଳେ ବିଧାନ ଏପରି ନିର୍ଦ୍ଦେଶ ଦିଏ ଏବଂ କୋର୍ଟ କେବଳ ନ୍ୟାୟସଙ୍ଗତ ଆଧାରରେ ଆଇନର ନିର୍ଦ୍ଦିଷ୍ଟ ସୀମାବଦ୍ଧତା ଅବଧିକୁ ବୃଦ୍ଧି କରିପାରିବେ ନାହିଁ, ସେତେବେଳେ ଏହାକୁ ସମସ୍ତ କଠୋରତା ସହିତ ପ୍ରୟୋଗ କରିବାକୁ ପଡିବ । ଆହୁରି ମଧ୍ୟ, ଯେତେବେଳେ ଏହା ଅନ୍ୟ ପକ୍ଷ ଦ୍ୱାରା ଅର୍ଜିତ ଗୁରୁତ୍ୱପୂର୍ଣ୍ଣ ଅଧିକାରକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାର ପ୍ରଭାବ ଧାରଣ କରିଥାଏ । ବିଦ୍ୱାନ ଓକିଲ ଆହୁରି ଯୁକ୍ତି ବାଢ଼ିଥିଲେ ଯେ ବିଳମ୍ବ ପାଇଁ କେବଳ କୌଣସି ଉପଯୁକ୍ତ ବ୍ୟାଖ୍ୟା ପ୍ରଦାନ କରାଯାଇ ନାହିଁ, ବରଂ ସେହି ସମୟ ମଧ୍ୟରେ ବ୍ୟାଙ୍କର ଆଇନ ପରାମର୍ଶଦାତା ଏବଂ ଓକିଲ ଅସୁସ୍ଥ ଥିଲେ ବୋଲି ଦାବି କରାଯାଇଥିବା ବିଷୟ ଉଲ୍ଲେଖ କରାଯାଇନଥିଲା, ଓକିଲଙ୍କ ଦ୍ୱାରା ଉଠାଯାଇଥିବା ନିର୍ଦ୍ଦିଷ୍ଟ ଆବେଦନ ଯେ ବ୍ୟାଙ୍କର ଓକିଲ, ଯେଉଁ ଅବଧି ପାଇଁ ବିଳମ୍ବ ହୋଇଥିଲା, ଯାହା ପାଇଁ କ୍ଷମା ମଗାଯାଇଥିଲା, ସେହି ଅବଧିରେ ନିୟମିତ ଭାବରେ ନ୍ୟାୟଳୟରେ ହାଜର ହେଉଥିଲେ, ଏହି ବିଷୟକୁ ନିର୍ଦ୍ଦିଷ୍ଟ ଭାବରେ ନିରପେକ୍ଷ ଭାବରେ ବିଚାର କରାଯାଇ ନଥିଲା ତେଣୁ ଲିପିବଦ୍ଧ ହୋଇଥିବା ଫଳାଫଳ ଏବଂ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରବର୍ତ୍ତୀ ଆଦେଶକୁ ବାତିଲ କରାଯିବା ଉଚିତ ।

ବିପରୀତରେ ପ୍ରତିବାଦୀ-ବ୍ୟାଙ୍କ୍ ପକ୍ଷରୁ ହାଜର ହୋଇଥିବା ଓକିଲ ଯୁକ୍ତି ବାଢ଼ିଥିଲେ ଯେ ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ବିଚାରପତି ପର୍ଯ୍ୟାପ୍ତ କାରଣ ଆଧାରରେ ସନ୍ତୁଷ୍ଟ ଥାଇ ବିଳମ୍ବକୁ କ୍ଷମା କରିବାରେ ଠିକ୍ ଥିଲେ ଏବଂ ଯେ କୌଣସି ପରିସ୍ଥିତିରେ ଅନ୍ତିମ ଡିକ୍ରି ପାରିତ କରିବା ପାଇଁ ନ୍ୟାୟାଳୟକୁ ଯିବାରେ ବିଳମ୍ବ ସେହି ସମୟର ଆଇନର ଯଥାର୍ଥ ଏବଂ ଭୁଲ ଧାରଣା କାରଣରୁ ଥିଲା ଯାହା ଦ୍ୱାରା ସେମାନେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇପାରିବେ, ଏବଂ ଫଳସ୍ୱରୂପ ଉଚ୍ଚ ନ୍ୟାୟାଳୟଙ୍କର ବିଦ୍ୱାନ ଏକକ ବିଚାରପତିଙ୍କର ଯୋଗ୍ୟ ଆଦେଶରେ କୌଣସି ବ୍ୟତିକ୍ରମ ନିଆଯାଇପାରିବ ନାହିଁ ।

ଆମେ ଉଭୟ ପକ୍ଷ ପାଇଁ ଉପସ୍ଥିତ ବିଦ୍ୱାନ ଅଧିବକ୍ତାଙ୍କ ଉପସ୍ଥାପନାକୁ ଯତ୍ନର ସହିତ ବିଚାର କରିଛୁ । ବ୍ୟାଙ୍କ ଏକ ସରକାରୀ ଉଦ୍ୟୋଗ ଅଟେ ଏବଂ ଏଥିରେ ବିପୁଳ ପରିମାଣର ସର୍ବସାଧାରଣ ଅର୍ଥ ଜଡ଼ିତ, ତେଣୁ ପକ୍ଷମାନଙ୍କ ଦାବି ଉପରେ ନିଶ୍ଚିତ ବିଚାର କରିବା ଉଚିତ । କିନ୍ତୁ ପ୍ରାସଙ୍ଗିକ ସମୟ ମଧ୍ୟରେ ବ୍ୟାଙ୍କର ଓକିଲଙ୍କ ଉପସ୍ଥିତି ସମ୍ପର୍କରେ ଡିକ୍ରିରଣିଙ୍କ ନିର୍ଦ୍ଦିଷ୍ଟ ଏବଂ ପ୍ରାସଙ୍ଗିକ ତଥ୍ୟଗତ ଯୁକ୍ତିକୁ ବିଚାର ନକରିବା କୌଣସି ଯଥାର୍ଥତା ନୁହେଁ ଯେ ସେହି ଦିନଗୁଡ଼ିକରେ ବ୍ୟାଙ୍କର ଓକିଲ ବାସ୍ତବରେ ନିୟମିତ ଭାବରେ ନ୍ୟାୟାଳୟରେ ହାଜର ହେଉଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ବିଚାର କରିବାରେ ଉଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଏକ ଗୁରୁତର ଅବହେଳା ହୋଇଥିବାରୁ, ଆମର ମତ ହେଉଛି ଯେ C.R.P. ସଂଖ୍ୟା 610/98 ରେ ଦିଆଯାଇଥିବା ବିଦ୍ୱାନ ଏକକ ବିଚାରପତିଙ୍କ ଆଦେଶକୁ ବଜାୟ ରଖାଯାଇପାରିବ ନାହିଁ ବରଂ ଏହାକୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟକୁ ପଠାଯିବା ଉଚିତ ଏବଂ ସେଠାରେ ଏହା ସଂଶୋଧନ ପାଇଁ ଦାଖଲ ହେବାପରେ ଏହାକୁ ପୁନଃସ୍ଥାପିତ କରାଯିବ ଏବଂ ଆଇନଗତ ପରାମର୍ଶଦାତା ଏବଂ ବ୍ୟାଙ୍କର ଓକିଲଙ୍କ ନ୍ୟାୟାଳୟରେ ଅନ୍ୟାନ୍ୟ ମାମଲାରେ ଉପସ୍ଥିତ ହେବା ସମ୍ପର୍କରେ ଆବେଦନକାରୀଙ୍କ ଯୁକ୍ତିକୁ ବିଚାର କରିବା ଏବଂ ତା'ପରେ ଆଇନ ଅନୁଯାୟୀ ନୂତନ ଭାବରେ ସମସ୍ୟାର ନିଷ୍ପତ୍ତି ନେବା ଏବଂ ମାମଲାର ପରିସ୍ଥିତି ଏବଂ ନଥିରେ ରଖାଯାଇଥିବା ସାମଗ୍ରୀକୁ ଦୃଷ୍ଟିରେ ରଖି ଉପଯୁକ୍ତ ନିର୍ଦ୍ଦେଶ ପ୍ରଦାନ କରିବା ଉଚିତ । ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଉପରୋକ୍ତ ସର୍ତ୍ତାବଳୀ ଉପରେ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପଠାଯିବ । କୌଣସି ଖର୍ଚ୍ଚ ରହିବ ନାହିଁ ।

ଆର୍. ପି ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।